# ଜିଲ୍ଲା ଅବକାରୀ କାର୍ଯ୍ୟାଳୟ : ଯାଜପୁର

ସଂଖ୍ୟା ୪୮୬ / ଅ. ତା ୨୩-୦୨-୨୦୨୬

<u>ଫାରମ ସଂଖ୍ୟା. ୮</u>

(ରୁଲ, ୩୧(କ), ୩୩ (୧), ୫୧ (୬) ଅନୁଯାୟୀ)

## <u>ଜନସାଧାରଣଙ୍କଠାରୁ ଅଭିଯୋଗ ପତ୍ର ପ୍ରାପ୍ତି ନିମନ୍ତେ ବିଜ୍ଞପ୍ତି</u>

ଯେହେତୁ, ଓଡିଶା ସରକାର ନିମ୍ନଲିଖିତ ସ୍ଥାନ ଓ ସ୍ଥାନୀୟ କ୍ଷେତ୍ର ଅଂଚଳରେ **ଠିପି ଖୋଲା ବିଦେଶୀ ମଦ ଦୋକାନ ୨୦୨୫-୨୬** ଆର୍ଥିକ ବର୍ଷ ର ଅବଶିଷ୍ଟ ସମୟ ପାଇଁ (ବିଜ୍ଞପ୍ତି ପ୍ରକାଶ ଦିନଠାରୁ ତା. ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ) ଓ **୨୦୨୬-୨୭** ଆର୍ଥିକ ବର୍ଷ ପାଇଁ ମଞ୍ଜୁରୀ କରିବା ନିମନ୍ତେ (ଏହାର ବିଦ୍ୟମାନ ସ୍ଥାନଠାରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ନିମନ୍ତେ) ପ୍ରସ୍ତାବ ରଖିଛନ୍ତି । ଯଦି ଏହି ପ୍ରସ୍ତାବ ଉପରେ ସ୍ଥାନୀୟ ଅଂଚଳରେ ବସବାସ କରୁଥିବା କୌଣସି ଜନସାଧାରଣଙ୍କର କୌଣସି ଅଭିଯୋଗ ଥାଏ, ତାହେଲେ, ତା. ୧୩-୦୩-୨୦୨୬ ରିଖ ସୁଦ୍ଧା ପ୍ରେରଣ କରିବା ନିମନ୍ତେ ଆମନ୍ତ୍ରଣ କରାଗଲା । ଏହି ଅଭିଯୋଗ ପତ୍ର ନିମ୍ନସ୍ୱାକ୍ଷରକାରୀଙ୍କ ଠିକଣାରେ ପ୍ରେରଣ କରିବେ ଓ ତାହା ଉପରଲିଖିତ ସମୟସୀମା ମଧ୍ୟରେ କିମ୍ବା ତା ପୂର୍ବରୁ ପହଂଚିବା ଆବଶ୍ୟକ ଅଟେ । ଉକ୍ତ ସମୟସୀମା ପରେ କୌଣସି ଅଭିଯୋଗ ପତ୍ର ପ୍ରାପ୍ତ ହେଲେ ତାହା ବିଚାରକୁ ନିଆଯିବ ନାହିଁ ।

(Signature) ୨୫.୦୨.୨୦୨୬
**ଜିଲ୍ଲାପାଳ, ଯାଜପୁର**

| ଦୋକାନର ପ୍ରକାର | କ୍ରମିକ ସଂଖ୍ୟା | ଦୋକାନ ଖୋଲିବା ପାଇଁ ପ୍ରସ୍ତାବର ସ୍ଥାନ | ଖାସ ଦଖଲ ଅଂଚଳର ବିବରଣୀ |
|---|---|---|---|
| ଠିପି ଖୋଲା ବିଦେଶୀ ମଦ ଦୋକାନ | | | |
| **ଗୁଞ୍ଜନ**<br>ଠିପି ଖୋଲା ବିଦେଶୀ ମଦ ଦୋକାନ | ୧ | ପ୍ଲଟ ନଂ- ୬୪୩/୧୩୮୫, ଖାତା ନଂ- ୯୭୪/୩୭୬୪, ୟୁନିଟ-୪ ମୌଜା- ଭାଟିଆ, ୱାର୍ଡ ନଂ-୧୪, ବ୍ୟାସନଗର ମ୍ୟୁନିସ୍ପାଲଟି, ଥାନା- ଯାଜପୁର ରୋଡ୍ | ଦୋକାନ ର ନିଜସ୍ୱ ଅବସ୍ଥିତି |

(Signature) ୨୫.୦୨.୨୦୨୬
**ଜିଲ୍ଲାପାଳ, ଯାଜପୁର**

ପରିପତ୍ର ସଂଖ୍ୟା ୪୮୭ / ଅ. ତା ୨୩-୦୨-୨୦୨୬

ଏହାର ନକଲ ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନା, ଡୋଲିପୁର / ଅବକାରୀ ନିରୀକ୍ଷକ, ଯାଜପୁର ରୋଡ୍ ଙ୍କ ନିକଟକୁ ପ୍ରେରଣ କରି ନିର୍ଦ୍ଦେଶ ଦିଆଯାଉ ଅଛି ଯେ ଏହାର ନକଲ ଦୋକାନ ଖୋଲାଯିବା ନିମନ୍ତେ ପ୍ରସ୍ତାବିତ ଥିବା ସମ୍ପୃକ୍ତ ଅଂଚଳରେ ସହଜ ଦୃଶ୍ୟମାନ ସ୍ଥାନରେ ଲଗାଇବେ । ଏହା ବ୍ୟତୀତ ଏହି ବିଜ୍ଞପ୍ତିକୁ ଡ୍ରମ୍ ବାଦଣ କିମ୍ବା ଅନ୍ୟ ଯେ କୌଣସି ସୁବିଧା ଉପାୟରେ ଜନ୍‌ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ । ଏହାର ଗୋଟିଏ ନକଲରେ ସ୍ଥାନୀୟ ଜନସାଧାରଣଙ୍କର ଦସ୍ତଖତ ଆଣି ଅତ୍ର କାର୍ଯ୍ୟାଳୟକୁ ଯଥାଶୀଘ୍ର ବିଜ୍ଞପ୍ତିର ପ୍ରଚାର ହୋଇଥିବା ପ୍ରମାଣ ସ୍ୱରୂପ ପ୍ରେରଣ କରିବେ । ଏହାବ୍ୟତୀତ, ସ୍ଥାନୀୟ ଅଂଚଳରେ ବ୍ୟାପକ ପ୍ରଚାର ନିମନ୍ତେ ଯଥା ସମ୍ଭବ ପଦକ୍ଷେପ ଗ୍ରହଣ କରିବେ । ଜାରି ହୋଇଥିବା ମୂଳ ବିଜ୍ଞପ୍ତି ସହିତ ଏହାର ଦୁଇକିତା ଜେରକ୍ସ ନକଲ ଅତ୍ର କାର୍ଯ୍ୟାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରିବେ ।

ଏହାର ଏକକିତା ନକଲ ଜିଲ୍ଲାର ସମସ୍ତ ସମ୍ପୃକ୍ତ ଚେୟାରପରସନ, ପଂଚାୟତ ସମିତି ଓ ସରପଂଚଙ୍କ (ସ୍ଥାନୀୟ ଭାରପ୍ରାପ୍ତ ଅଧିକାରୀ, ଅବକାରୀ ଥାନାଙ୍କ ମାଧ୍ୟମରେ) ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର / ଅବକାରୀ ଉପ-କମିଶନର (କେନ୍ଦ୍ରାଂଚଳ), ଓଡିଶା, କଟକ / ଆରକ୍ଷୀ ଅଧିକ୍ଷକ, ଯାଜପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଯାଜପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ.ଆଇ.ସି.), ଯାଜପୁର/ ଡ଼ିଇଜିଏମ, ଓସ୍ୱାନ, ଯାଜପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ନକଲ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଯାଜପୁର / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରର ସୂଚନା ଫଳକରେ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

(Signature) ୨୫.୦୨.୨୦୨୬
**ଜିଲ୍ଲାପାଳ, ଯାଜପୁର**